# ସରିଲା ନବଦିନାତ୍ମକ ଯାତ୍ରା, ବାହୁଡ଼ିଲେ ଶ୍ରୀଜୀଉ

କୋରାପୁଟ,୨୮।୬(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ବୁଧବାର ବାହୁଡାଯାତ୍ରା ଶାନ୍ତି ଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି। ପୂର୍ବାହ୍ନ ୧୧ଟାରେ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ ପହଣ୍ଡି କରାଯାଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ନିଆଯାଇଥିଲା।ବଳଭଦ୍ରଙ୍କ ରଥରେ ପଟ୍ଟାଙ୍ଗି ବ୍ଲକ କୋଟିଆ ଅଞ୍ଚଳର ଦାନୁ ତାଡିଙ୍ଗି ଓ ସୁଭଦ୍ରାଙ୍କ ରଥରେ ଲକ୍ଷ୍ମୀପୁର ଖଜୁରିଗୁଡା ସାଧୁ ସାନ୍ତା ଛେରା ପହଁରା କରିଥିଲେ। ଶାବର ଶ୍ରୀକ୍ଷେତ୍ରର ରାଜା ତଥା କୁମ୍ଭାର ନାୟକ ଦାସୀ ନାୟକ ଜଗନ୍ନାଥଙ୍କ ରଥରେ ଛେରା ପହଁରା କରିଥିଲେ। ୩ ରଥ ଅପରାହ୍ନରେ ସ୍ଥାନୀୟ ଟାଉନ ଥାନାଧିକାରୀଙ୍କ ବାସ ଭବନ ଆଗରେ ରହିଥିଲା। ପରେ ପରମ୍ପରା ମୁତାବକ ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକ କର୍ତ୍ତାଭାବେ ବସି ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିବା



ଶାବର ଶ୍ରୀକ୍ଷେତ୍ରରେ ବଳଭଦ୍ରଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ନିଆଯାଉଛି।

ପରେ ପୋଡ଼ପିଠା, କାକରା, ଆରିଶା, ଛେନାପୋଡ, ପଣସ ସହ ପଣା ଆଦି ଭୋଗ କରାଯାଇ ବଣ୍ଟା ଯାଇଥିଲା। ଅପରାହ୍ନ ୬ ଟା ୩୦ ସୁଦ୍ଧା ସମସ୍ତ ରଥ ସ୍ଥାନୀୟ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା। ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି ବାହୁଡା ଯାତ୍ରାରେ କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଏସ୍‌ଡିପିଓ ମନୋଜ ପୁଜାରୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କୀର୍ତ୍ତନ ଦଳ ଉପସ୍ଥିତିରେ ଏହି ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।





ରଥାରୂଢ଼ ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ।

## ଆଜି ରାଜନଅର ଯାଏ ଯିବେ ଠାକୁର

### ଆଡ଼ପ ମଣ୍ଡପରୁ ମାଉସୀ ମା' ଘରକୁ ଗଲେ ଶ୍ରୀ ଜୀଉ

ଜୟପୁର, ୨୮।୬(ପବନ ପାଣିଗ୍ରାହୀ)

ଶ୍ରୀ ଜୀଉଙ୍କ ବାହୁଡା ଯାତ୍ରା ଅବସରରେ ଜୟପୁରର ଆଡ଼ପ ମଣ୍ଡପ କୁହାଯାଉଥିବା ବାଙ୍କମଠରୁ ତିନି ଠାକୁର ଲକ୍ଷାଧିକ ଭକ୍ତଙ୍କ ଗହଣରେ ମାଉସୀ ମା' ଘର ଯାଏଁ ଯାଇଛନ୍ତି। ଗୁରୁବାର ମାଉସୀ ମା' ଘର କୁହାଯାଉଥିବା ଶ୍ରୀଚୈତନ୍ୟ ମନ୍ଦିରରୁ ରଥାରୁଢ଼ ଠାକୁର ରାଜନଅର ଯାଏ ଯିବେ। ବୁଧବାର ସକାଳୁ ପୂଜାର୍ଚ୍ଚନା ପରେ ତିନି ଠାକୁରଙ୍କୁ ଅପରାହ୍ନ ସାଢେ ୩ ଟା ବେଳେ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଇଥିଲା। ସୁନାରୀ ସାହିର ସେବାୟତମାନେ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଏବଂ ସାମନ୍ତରା ସାହିର ସେବାୟତମାନେ ଶ୍ରୀ ଜଗନ୍ନାଥଙ୍କୁ ରଥାରୁଢ଼ କରିଥିଲେ। ଏହି ଅବସରରେ ୭ ପ୍ରକାରର ଅନ୍ନ ଭୋଗ ଶ୍ରୀଜୀଉଙ୍କୁ ଲାଗି କରାଯାଇଥିଲା। ପରେ ଅପରାହ୍ନ ସାଢେ ୪ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ୫.୩୦ରେ ରଥ ଗୌଡ଼ସାହି ନିକଟରେ ପହଞ୍ଚିବା ପରେ ପରମ୍ପରା ଅନୁସାରେ ସାହି ବାସିନ୍ଦାଙ୍କ ପକ୍ଷରୁ କାକରା ପିଠା ଲାଗି କରାଯାଇଥିଲା। ପରେ ରଥା ଟଣା ହୋଇଥିଲା। ସନ୍ଧ୍ୟାରେ ରଥ ସଉରା ସାହି ଛକ ନିକଟସ୍ଥ ଶ୍ରୀଚୈତନ୍ୟ ମନ୍ଦିର ପାଖରେ ଲାଗିବା ପରେ ରଥଟଣା ବନ୍ଦ ହୋଇଥିଲା। ସେଠାରେ ଶ୍ରୀଜିଉମାନଙ୍କ ନିକଟରେ ପୋଡ଼ପିଠା ଲାଗି କରାଯାଇଥିଲା। ଗୁରୁବାର ଅପରାହ୍ନରେ ରଥ ଟଣା ଯାଇ ରାଜାନଅର ଯାଏ ନିଆଯିବ। ସେଠାରେ ଠାକୁର ରଥାରୁଢ଼ ରହି ଲୋକଙ୍କୁ ଦର୍ଶନ ଦେବେ। ବାହୁଡ଼ା ଅବସରରେ ଜୟପୁରରେ ଆଜି ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଶାସନର ସୁବନ୍ଦୋବସ୍ତ ଯୋଗୁ ଯାତ୍ରା ସମୟରେ କୌଣସି ଅଘଟଣା ଘଟିନାହିଁ। ରଥଟଣା କାଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଉପଜିଲାପାଳ ବେଦବର ପ୍ରାଧନ, ତହସିଲଦାର ସାଗରିକା ଷଡଙ୍ଗି, ବିଡିଓ ରାଜୀବ ଦାସ, ଟାଉନ ଥାନାଧିକାରୀ ସମ୍ମିତ କୁମାର ବେହେରା, ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି, ମହିଳା ଥାନାଧିକାରୀ ମମତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ପ୍ରୋଟିନ, ଜିଙ୍କ୍‌ଯୁକ୍ତ ଧାନ ବିହନ ବଣ୍ଟନ



ଜୟପୁର, ୨୮।୬(ପବନ ପାଣିଗ୍ରାହୀ)

ଭୁବନେଶ୍ୱର ଜୀବବିଜ୍ଞାନ ସଂସ୍ଥାନ ପକ୍ଷରୁ ପ୍ରୋଟିନ ଓ ଜିଙ୍କ୍‌ଯୁକ୍ତ ଧାନ ବିହନ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକର ପ୍ରୋଟିନ ଓ ଜିଙ୍କ୍‌ଯୁକ୍ତ ସିଆର୍ ୩୧୧ ଓ ସିଆର୍ ୪୧୧ ଦୁଇଟି କିସମର ଅଧିକ ଅମଳକ୍ଷମ ଧାନ ବିହନ ୧୨ ବ୍ଲକର ୧୨ ପଞ୍ଚାୟତର ୩୫ ଜଣ ଚାଷୀଙ୍କୁ ୧୦ କିଲୋଗ୍ରାମ ଲେଖାଏ ଯୋଗାଇ ଦିଆ ଯାଇଛି। ବୋରିଗୁମ୍ମା ବ୍ଲକ କୃଷି ଅଧିକାରୀ ରାଜା ରାଓ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ବ୍ଲକ ଜୀବିକା ମିଶନ କୋଅର୍ଡିନେଟର ଦେବେନ୍ଦ୍ର ପଣ୍ଡା, ବୋଣ୍ଡିଗୁଡ଼ା ସରପଞ୍ଚ ଗଣେଶ୍ୱର ନାୟକ ଓ ଗିରିଧାରୀ ପ୍ରଧାନ ଚାଷୀଙ୍କୁ ଧାନ ବଣ୍ଟନ କରିଥିଲେ। ଏହି ଧାନ ମଧ୍ୟମ କିସମ ଜମିରେ ଚାଷ କରାଯାଇପାରିବ। ହେକ୍ଟର ପିଛା ୫୫୦୦ କେଜି ଧାନ ଅମଳ ହୋଇପାରିବ ବୋଲି ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକ ପକ୍ଷରୁ କୁହାଯାଇଛି। ଡିବିଟି କିଷାନ କାର୍ଯ୍ୟକ୍ରମ ମାଧ୍ୟମରେ ଧାନ ବିହନ ଯୋଗାଇ ଦିଆ ଯାଇଛି।

## ଖତ ପ୍ରସ୍ତୁତି କେନ୍ଦ୍ର ବୁଲିଲେ ଲୋକ ପ୍ରତିନିଧି



ପରିଦର୍ଶନରେ ଆସିଥିବା ଅଧିକାରୀ, ସରପଞ୍ଚ, ୱାର୍ଡମେମ୍ବର ଓ ଅନ୍ୟମାନେ।

ଜୟପୁର ୨୮।୬, (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ମକାପୁଟସ୍ଥିତ ଖତ ପ୍ରସ୍ତୁତି କେନ୍ଦ୍ରକୁ ଜୟପୁର ବ୍ଲକ ୨୨ ପଞ୍ଚାୟତ ସରପଞ୍ଚ, ଓାର୍ଡ ମେମ୍ବର ଓ ଶହେରୁ ଅଧିକ ଜଣ ସଦସ୍ୟ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ବ୍ଲକ ବିଡିଓ ରାଜୀବ ଦାସ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ସ୍ୱଚ୍ଛ ଭାରତ ମିଶନର ଜୟ କନ୍ଦପାନ, କନିଷ୍ଠ ଯନ୍ତ୍ରୀ ସୁକାନ୍ତ କିଶୋର ବାରିକ ଅଛନ୍ତି। ଜୟପୁର ପୌରାଞ୍ଚଳର ପରିମଳ ଇଞ୍ଜିନିୟର ରାଜଶେଖର ରାଓ କେନ୍ଦ୍ର ଉପରେ ବୁଝାଇଥିଲେ। ଉକ୍ତ ମଳ ବିଶୋଧନାଗାରରୁ ଖତ ବାହାରିବା ସହ ଏଠାରୁ ବାହାରୁଥିବା ୫୦ ପ୍ରତିଶତ ପାଣି ବଗିଚାରେ ବ୍ୟବହାର ହେଉଛି। ନିଜ ପଞ୍ଚାୟତ ଏପରି ଏକ ବିଶୋଧନାଗାର କରିବାକୁ ସମସ୍ତେ ମନସ୍ଥ କରି ଫେରିଥିବା ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି।

## ବିଦେଶୀ ମଦ ଚାଲାଣବେଳେ ଚଢ଼ାଉ

ଜୟପୁର, ୨୮।୬(ପବନ ପାଣିଗ୍ରାହୀ)

ବିଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ବିଭାଗ ଦୁଇଟି ଜାଗାରେ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବାଙ୍ଗବିଜାର ଅଞ୍ଚଳର ରମେଶ ଯାଦବ ଓ ବାରିଣିପୁଟର ରଜନୀ ଖୋସଲା। ଜୟପୁର ଅବକାରୀ ବିଭାଗ ସୂଚନା ଅନୁଯାୟୀ, ବାହୁଡ଼ା ଯାତ୍ରା ଅବସରରେ ସମସ୍ତ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ବନ୍ଦ କରାଯାଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ବିଦେଶୀ ମଦ ଚାଲାଣ କରୁଥିଲେ। ଜୟପୁର ଅବକାରୀ ବିଭାଗ ଏ ସମ୍ପର୍କରେ ଖବରପାଇ ବାଙ୍ଗବିଜାରେ ଚଢ଼ାଉ କରି ଅଭିଯୁକ୍ତ ରମେଶଙ୍କଠାରୁ ୭.୮ ଲିଟର ବିୟର ଜବତ କରିଛି। ସେହିଭଳି ବାରିଣିପୁଟରେ ଚଢାଉ ବେଳେ ଅଭିଯୁକ୍ତଙ୍କଠାରୁ ୬ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ଜୟପୁର ଅବକାରୀ ନୀରିକ୍ଷକ ଦୁବାଦଳ ବିଶ୍ୱାଳ ସୂଚନା ଦେଇଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଜଣେ ଗୁରୁତର

ଦଶମନ୍ତପୁର, ୨୮।୬(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ସନ୍ଧ୍ୟା ସାଢ଼େ ୮ ଘଣ୍ଟା ସମୟରେ ୨ ବାଇକ୍ ମୁହାଁମୁହିଁ ହୋଇଛନ୍ତି। ଦୁର୍ଘଟଣାରେ ଜଣେ ଗୁରୁତର ଓ ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଦଶମନ୍ତପୁର ପଞ୍ଚାୟତର ନରସିଂହ ଜାନୀ (୨୨) ଗୁରୁତର ହୋଇଥିବାବେଳେ ପରଜାବେଢ଼ା ପଦର ପଞ୍ଚାୟତ ସଦରର ପଦଲାମ ମୁଦୁଲି (୨୦) ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେଠାରେ ଉଭୟଙ୍କ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ବୁଧବାର ଅପରାହ୍ନରେ ନରସିଂହ ଜାନୀ ଦଶମନ୍ତପୁରରୁ ବାହୁଡା ଯାତ୍ରା ଦେଖି ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପଦଲାମ ମୁଦୁଲିଙ୍କ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ କାଡ଼ିରୁ ଛିଟିକି ପଡ଼ିଥିଲେ।

## ଭିଡ଼ରେ ଫସିଲା ଆମ୍ବୁଲାନ୍ସ, ୩ ଘଣ୍ଟା ପରେ ପହଞ୍ଚିଲା ପୋଲିସ



ଭିଡ଼ ଭିତରେ ଫସି ରହିଥିବା ଆମ୍ବୁଲାନ୍ସ।

ସୁନାବେଡ଼ା, ୨୮।୬ (କୃତ୍ତିବାସ ପ୍ରଧାନ)

ବାହୁଡ଼ାଯାତ୍ରା ପାଇଁ ଚଳଚଞ୍ଚଳ ଥିଲା ଉଭୟ ସୁନାବେଡ଼ା ଓ ସେମିଳିଗୁଡ଼ା ସହରାଞ୍ଚଳ। କିନ୍ତୁ ପ୍ରଶାସନ ତଥା ରଥଯାତ୍ରା କମିଟିର ସମନ୍ୱୟ ଅଭାବରୁ ଜାତୀୟ ରାଜପଥ ୨୬ରେ ପ୍ରବଳ ଭିଡ଼ ଯୋଗୁ ସେମିଳିଗୁଡ଼ା ଟ୍ରାଫିକ ଛକ ପର୍ଯ୍ୟନ୍ତ ଓ ଆରପଟେ ସୁନାବେଡ଼ା ଟ୍ରାଫିକ ଛକ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଶହ ଶହ ଗାଡ଼ିମଟର ଛିଡ଼ା ହୋଇଥିଲା। ଏହି ଭିଡ଼ ଭିତରେ ଏକ ଆମ୍ବୁଲାନ୍ସ ପ୍ରାୟ ୩ ଘଣ୍ଟା ଧରି ଫସି ରହିଥିଲା। ପୋଲିସ ପ୍ରାୟ ୩ ଘଣ୍ଟା ଧରି ଟ୍ରାଫିକ୍ ନିୟନ୍ତ୍ରଣ କରିବା ପରେ ଶେଷରେ ଆମ୍ବୁଲାନ୍ସ ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ସେମିଳିଗୁଡ଼ା ଓ ସୁନାବେଡ଼ା ସହରରେ ରଥଯାତ୍ରା ହେଉଥିବା ବେଳେ ଦୁଇଟି ଯାକ ରଥ ଜାତୀୟ ରାଜପଥ ଦେଇ କିଛି ରାସ୍ତା ଅତିକ୍ରମ କରିଥାଆନ୍ତି। ତେବେ ପ୍ରଶାସନ ପକ୍ଷରୁ ଏ ନେଇ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ରଥଯାତ୍ରା ପୂର୍ବରୁ ସମସ୍ତ ବିଭାଗ ସହ ପୂଜା କମିଟିର ପ୍ରସ୍ତୁତି ବୈଠକ ବସିଥାଏ। ସେହି ବୈଠକରେ ସମସ୍ତ ଦିଗକୁ ନେଇ ଆଲୋଚନା ମଧ୍ୟ କରାଯାଏ। କିନ୍ତୁ ବାସ୍ତବରେ ତାହା କାର୍ଯ୍ୟକାରୀ ହୁଏ କି ନାହିଁ ତାହା ବିଭାଗ ହିଁ କହିପାରିବ। ତେବେ ବିଡ଼ମ୍ବନାର ବିଷୟ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଆବଶ୍ୟକ ସଂଖ୍ୟକ ପୋଲିସର ଅଭାବ ହେଉ ଅବା ଅନ୍ୟ କୌଣସି କାରଣ ଯାହାର ପ୍ରଭାବ ପକାଇଛି ସାଧାରଣ ଜନତାଙ୍କ ଉପରେ। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ୪୦ଘଣ୍ଟିଆ ମଧ୍ୟସ୍ଥତା ତାଲିମ କର୍ମଶାଳା ଉଦ୍‌ଘାଟିତ

ଜୟପୁର, ୨୮।୬(ପବନ ପାଣିଗ୍ରାହୀ)

କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ଜିଲାର ମନୋନୀତ ଆଇନଜୀବୀଙ୍କ ସକାଶେ ୪୦ ଘଣ୍ଟିଆ ମଧ୍ୟସ୍ଥତା କର୍ମଶାଳାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ ପାଣିଗ୍ରାହୀ, ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଉପସ୍ଥିତିରେ ଏହି କର୍ମଶାଳା ଉଦ୍‌ଘାଟନ କରାଯାଇଛି।

ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜଷ୍ଟିସ୍ ସଞ୍ଜୀବ ପାଣିଗ୍ରାହୀ ଆବିଟ୍ରେସନ୍ ଏବଂ ବିକଳ୍ପ ବିବାଦର ସମାଧାନ ପ୍ରକ୍ରିୟା ବିଷୟରେ ପକ୍ଷଙ୍କୁ ଅବଗତ କରାଇବା ସହ ଆଇନଜୀବୀଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ମଧ୍ୟସ୍ଥତା ବିବାଦର ସମାଧାନ ପଦ୍ଧତିର ଏକ ଉତ୍ତମ ରୂପ ଭାବରେ ଅଭ୍ୟାସ କରାଯିବା ଉଚିତ। ଏହା ସରଳ,ବ୍ୟୟ ସାପେକ୍ଷ ପ୍ରକ୍ରିୟା। ମଧ୍ୟସ୍ଥତା ଉଭୟ ପକ୍ଷର ବିଜୟ ପ୍ରକ୍ରିୟା। ଯେଉଁଠାରେ ପକ୍ଷମାନେ, କୋର୍ଟ ମକଦ୍ଦମା ପରି କୌଣସି ପ୍ରତିକୂଳ ପ୍ରଭାବ ପାଇବେ ନାହିଁ। ଥରେ ତାଲିମପ୍ରାପ୍ତ ହୋଇସାରିଲେ ମଧ୍ୟସ୍ଥ ଯେକୌଣସି ମକଦ୍ଦମାର ଘଟଣାକୁ ଏକ ଉତ୍ତମ ଉପାୟରେ ମୁକାବିଲା କରିପାରିବେ ବୋଲି ଜଷ୍ଟିସ୍ ସାବିତ୍ରୀ ରଥ କହିଛନ୍ତି। ତୃତୀୟ ପକ୍ଷ ମାଧ୍ୟମରେ ବିବାଦୀଙ୍କ ମଧ୍ୟରେ ସମାଧାନ ପାଇଁ ମଧ୍ୟସ୍ଥତା ହେଉଛି ଏକ ଉତ୍ତମ କୌଶଳ। ଏଥିରେ ପକ୍ଷ ନିଜେ ହିଁ ନିଜ ବିବାଦର ସମାଧାନ ଓ ତା'ର ବିକଳ୍ପ ପନ୍ଥା ବିଚାର କରିପାରିବେ ଏବଂ ଜଣେ ପ୍ରଶିକ୍ଷିତ ମଧ୍ୟସ୍ଥ ଏ କ୍ଷେତ୍ରରେ ବହୁ ମାତ୍ରାରେ ସହାୟକ ହୋଇପାରିବେ ବୋଲି ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ କହିଛନ୍ତି। ଡିଏଲ୍ଏସ୍ ସଚିବ ସୁମନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଜ୍ ସତ୍ୟନାରାୟଣ ମିଶ୍ର, ବିଚାରପତି ଗିରିବାଲା ସିଂ, ଏମ୍.କେ. ଯାଦବ , ଓଡ଼ିଶା ହାଇକୋର୍ଟ ଆବିଟ୍ରେସନ୍ ଏବଂ ମଧ୍ୟସ୍ଥତା କେନ୍ଦ୍ର ସଂଯୋଜକ ସୌମ୍ୟକ ପାତ୍ର, ଜିଲା ବାର୍ ଆସୋସିଏସନ୍ ସଭାପତି ବୀରେଶ ପଟ୍ଟନାୟକ, ସୁମନ ଜେନା, ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ, କୋରାପୁଟ ଜିଲାର ବିଭିନ୍ନ ଓକିଲ ସଂଘର ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ପରିବାର ଅଦାଲତ ଜଜ୍ ଡ. ପବିତ୍ର ମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ ଶିବିର ୨୮ ଜୁନ୍‌ରୁ ଆରମ୍ଭ ହୋଇ ଜୁଲାଇ ୨ ତାରିଖରେ ଶେଷ ହେବ।

## ଶିକ୍ଷା, ସାହିତ୍ୟ ପ୍ରତି ମହାରାଜାଙ୍କ ଅବଦାନ ଢେର୍

ଜୟପୁର, ୨୮।୬(ପବନ ପାଣିଗ୍ରାହୀ)

### ମହାରାଜା ବିକ୍ରମଦେବ ବର୍ମାଙ୍କ ୧୭୪ତମ ଜୟନ୍ତୀ

ସାହିତ୍ୟ ସମ୍ରାଟ ମହାରାଜା ବିକ୍ରମଦେବ ବର୍ମାଙ୍କର ୧୭୪ ତମ ଜୟନ୍ତୀ ଓଡ଼ିଶା ସାହିତ୍ୟା ଏକାଡେମୀ, ଜୟପୁର ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିକ୍ରମଦେବଙ୍କ ଭଳି ବିଦ୍ୱାନ୍‌ଙ୍କ ପୁଣ୍ୟତିଥି ତାଙ୍କ ସାରା ରାଜ୍ୟରେ ପ୍ରଚାରିତ ହେବା ଆବଶ୍ୟକ। ତାଙ୍କର ଶିକ୍ଷା ଓ ସାହିତ୍ୟ ପ୍ରତି ଯେଉଁ ଅବଦାନ ରହିଥିଲା ତାହା ସମସ୍ତେ ସ୍ମରଣ ନ କଲେ ତାଙ୍କ ପ୍ରତି ଅନ୍ୟାୟ ହେବ ବୋଲି ବିଧାୟକ ବାହିନୀପତି କହିଛନ୍ତି। ଆସନ୍ତା ବର୍ଷରୁ ଏହି ଜୟନ୍ତୀ ଭୁବନେଶ୍ୱରରେ କିଭଳି ପାଳନ କରାଯିବ ସେ ନେଇ ଉଦ୍ୟମ କରିବେ ବୋଲି ସେ କହିଥିଲେ। ଜୟପୁର ସାହିତ୍ୟ ପରିଷଦର ସଭାପତି ଲକ୍ଷ୍ମୀକାନ୍ତ ପାଢୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରଫେସର ପ୍ରେମାନନ୍ଦ ଦାସ, ତ୍ରିନାଥ ମିଶ୍ର ଉପସ୍ଥିତ ଥିଲେ। ବିକ୍ରମ ଦେବବର୍ମା ଜଣେ କବି, ନାଟ୍ୟକାର, ଗବେଷକ, ସଂସ୍କୃତବିଦ୍ ଓ ସାହିତ୍ୟାନୁରାଗୀ ଥିଲେ। କଟକ ମେଡିକାଲ କଲେଜ, ବିକ୍ରମ ଦେବ କଲେଜ ତାଙ୍କ ଅବଦାନ ବୋଲି ଅତିଥିମାନେ କହିଛନ୍ତି। ଏହି ଅବସରରେ ସଙ୍ଗୀତଜ୍ଞ ହୃଦାନନ୍ଦ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଅଶୋକ ମହାରଣା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁରେଶ ଦାସ, ପରେଶ ରଥ, ରବି ଶତପଥୀ, ହରିହର କର, ସୁଧା ପଟ୍ଟନାୟକ, ଯଜ୍ଞେଶ୍ୱର ପଣ୍ଡା, ପ୍ରଦୀପ ମିଶ୍ର, ରାଜେନ୍ଦ୍ର ଗୌଡ଼ ଉପସ୍ଥିତ ଥିଲେ। ନବକୃଷ୍ଣ ରଥ ଧନ୍ୟବାଦ ଦେଇଥିଲେ।

ସେହିପରି ପୂଜ୍ୟପୂଜା ସଂସଦ ଜୟପୁର ପକ୍ଷରୁ ମଧ୍ୟ ବିକ୍ରମ ଦେବ ବର୍ମାଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଉପଲକ୍ଷେ ଜୟପୁର ବିକ୍ରମ ଦେବ କଲେଜ ପରିସରରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।



ଅତିଥିମାନେ ସଙ୍ଗୀତଜ୍ଞ ହୃଦାନନ୍ଦ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବାଣିଜ୍ୟ ପ୍ରତିଷ୍ଠାନରେ ଲାଗୁନି ଓଡ଼ିଆ ନାମଫଳକ

ରାୟଗଡ଼ା,୨୮।୬(ଆଶିଷ ରଞ୍ଜନ ପଣ୍ଡା)

ସମସ୍ତ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲାଗିବା ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଶ୍ରମ ବିଭାଗ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଜିଲାର ୨ ପୌର ପରିଷଦ ରାୟଗଡ଼ା, ଗୁଣପୁର ଓ ଗୁଡ଼ାରି ଏନ୍ଏସିରେ ବହୁ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ନାହିଁ। ହେଲେ ଶ୍ରମ ବିଭାଗର ଆନ୍ତରିକତା ଅଭାବ ଯୋଗୁ ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ପୌର ପରିଷଦରେ ରହିଥିବା କୌଣସି ବି ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲାଗି ନ ଥିବା ଜଣାଯାଇଛି।

ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଏ ନେଇ ଏପ୍ରିଲ ୧୧ ତାରିଖରେ ଚିଠି ନଂ. ୨୨୦୨ରେ ନିର୍ଦ୍ଦେଶ ରହିଥିଲା ଯେ, ପ୍ରତ୍ୟେକ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ବାଧ୍ୟତାମୂଳକ ରହିବ। ଓଡ଼ିଆ ନାମଫଳକ ନ ଥିବା ବାଣିଜ୍ୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇ ଜରିମାନା ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ବିଭାଗୀୟ ଅଧିକାରୀମାନେ ଚଢ଼ାଉକରି ଜରିମାନା ଆଦାୟ କରିବା ପରିବର୍ତ୍ତେ ବାଣିଜ୍ୟ ପ୍ରତିଷ୍ଠାନ ପ୍ରତି ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ କୁମାର ରାଉତ ୭ଟି ଅନୁଷ୍ଠାନ ଉପରେ ଚଢ଼ାଉ କରିଥିବା ବେଳେ ସେଥିରୁ ୨ଟି ପ୍ରତିଷ୍ଠାନରେ ଓଡ଼ିଆ

### ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଶୂନ




ନାମଫଳକ ଲଗାଇ ସରକାରୀ ପୋର୍ଟାଲ ପରେ ଶ୍ରମ ବିଭାଗ ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରାଯାଇଛି। ଅନ୍ୟ ୫ଟି ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ସେହିଭଳି ଅନ୍ୟ ଜଣେ ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜ ୫ଟି ପ୍ରତିଷ୍ଠାନ ଉପରେ ଚଢ଼ାଉ କରିଥିବା ବେଳେ ସେଥିରୁ ୩ଟି ପ୍ରତିଷ୍ଠାନ ପରବର୍ତ୍ତୀ ସମୟରେ ନାମଫଳକ ଲଗାଇଥିବା ସୂଚନା ମିଳିଛି। ଅନ୍ୟ ୨ଟି ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ହେଲେ ରାୟଗଡ଼ା ପୌର ପରିଷଦରେ ଏଭଳି ଶତାଧିକ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲାଗି ନ ଥିବା ସତ୍ତ୍ୱେ ଶ୍ରମ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସମସ୍ତଙ୍କୁ ଚକିତ କରିଛି। ଅପରପକ୍ଷେ ଗୁଣପୁର ପୌରାଞ୍ଚଳ ଓ ଗୁଡ଼ାରି ଏନ୍ଏସିରେ ମଧ୍ୟ ବହୁ ସଂଖ୍ୟାରେ ବାଣିଜ୍ୟ ପ୍ରତିଷ୍ଠାନ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଠାରେ କାର୍ଯ୍ୟାନୁଷ୍ଠାନ ଶୂନ।

ସୂଚନାଯୋଗ୍ୟ, ଓଡ଼ିଶା ବାଣିଜ୍ୟ ଓ ପ୍ରତିଷ୍ଠାନ ୧୯୫୬ ଆକ୍ଟ ଅନୁଯାୟୀ ଓଡ଼ିଆ ନାମଫଳକ ଲାଗି ନ ଥିବା ବାଣିଜ୍ୟ ପ୍ରତିଷ୍ଠାନକୁ ୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ନିୟମ ରହିଛି। ହେଲେ ଶ୍ରମ ବିଭାଗ ଏଥିପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ରାୟଗଡ଼ା ସହରର ବହୁ ପ୍ରତିଷ୍ଠାନରେ ଆଜି ବି ଓଡ଼ିଆ ନାମଫଳକ ଲାଗିନାହିଁ। ସେହିଭଳି ଜିଲାର ବହୁ ବେସରକାରୀ ବିଦ୍ୟାଳୟରେ ମଧ୍ୟ ଓଡ଼ିଆ ନାମଫଳକ ଲାଗିନାହିଁ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁଙ୍କୁ ପଚାରିବାରୁ ଜୁନ୍ ୩୦ ପର୍ଯ୍ୟନ୍ତ ସମସ୍ତ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଆ ନାମଫଳକ ଲଗାଇବା ପାଇଁ ସମୟସୀମା ଦିଆଯାଇଥିଲା। ଜୁଲାଇ ପହିଲାରୁ ଶ୍ରମ ବିଭାଗ ପକ୍ଷରୁ ପୁଣି ଥରେ ଏନ୍‌ଫୋର୍ସମେଣ୍ଟ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ



ବୈଠକରେ ବିଧାୟକ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ମାଲକାନଗିରି,୨୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଯୋଜନା ସମନ୍ୱୟ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ସ୍ୱାଗତ ଜଣାଇବା ସହ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକ ବାକା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରୁକୋଣ୍ଡା, ମାଥିଲି, ଚିତ୍ରକୋଣ୍ଡା ଓ ଖଇରପୁଟ ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ଅବସରରେ ସେ କହିଛନ୍ତି, ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ ମାଲକାନଗିରିର ଆଦିମ ବଣ୍ଡା ଓ ଦିଦାଇ ଜନଜାତିଙ୍କ ସାମଗ୍ରିକ ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ତେଣୁ ବଣ୍ଡା ଓ ଦିଦାଇ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରାଥମିକତା ଭିତ୍ତିରେ ସମସ୍ତ ଉନ୍ନୟନ ପ୍ରକଳ୍ପକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୨ ଜନଜାତିଙ୍କ ଲାଗି ପ୍ରକଳ୍ପସ୍ତରୀୟ କମିଟି ବୈଠକ କରିବାକୁ ପ୍ରସ୍ତାବ ଦେଇଛନ୍ତି। ବର୍ଷା ଆରମ୍ଭ ହୋଇଥିବାରୁ ସ୍ୱାଭିମାନ ଅଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଛନ୍ତି। ବୈଠକରେ ଶିକ୍ଷା, କ୍ଷୁଦ୍ର ଜଳସେଚନ, ଜଳ ବିଭାଜିକା, ରାସ୍ତା ଓ ଗୃହ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍ ଓ ପାନୀୟ ଜଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ନିଜ ନିଜ ବିଭାଗର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଷୟରେ ବିଧାନସଭାରେ ଉପସ୍ଥାପନ କରିବେ ଓ ସମ୍ପୃକ୍ତ ବିଭାଗ ସହ ଯୋଗାଯୋଗ କରି କାର୍ଯ୍ୟର ଅଗ୍ରଗତି ନିମନ୍ତେ ଚେଷ୍ଟା କରିବେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ରଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୬ ପଞ୍ଚାୟତ ହିତାଧିକାରୀଙ୍କ ଗୋଟିଏ ମାସର ଚାଉଳ ଗାଏବ

ନବରଙ୍ଗପୁର,୨୮।୬(ସଦାଶିବ ପ୍ରହରାଜ)

■ ନବରଙ୍ଗପୁର ଜିଲାରେ ସାଧାରଣ ବଣ୍ଟନ ଚାଉଳ ଦୁର୍ନୀତି

■ ୬୪ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଚାଉଳ ଘୋଟାଲା ଅଭିଯୋଗ

ନବରଙ୍ଗପୁର ଜିଲାରେ ଲମ୍ବିବାରେ ଲାଗିଛି ସାଧାରଣ ବଣ୍ଟନ ଚାଉଳ ଦୁର୍ନୀତି ଚେର। ପୂର୍ବରୁ ଜିଲାର ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଅମଲାଭଟ୍ଟା ପଞ୍ଚାୟତରେ ୧୫୦୪ ଗରିବ ହିତାଧିକାରୀଙ୍କ ୮୬୩ କୁଇଣ୍ଟାଲ ଚାଉଳ ହଡ଼ପ ହୋଇଥିବା ଲୋକ ଲୋଚନକୁ ଆସିଥିବା ବେଳେ ବର୍ତ୍ତମାନ ମଧ୍ୟ ଉକ୍ତ ବ୍ଲକର ୬ଟି ପଞ୍ଚାୟତର ହଜାର ହଜାର ହିତାଧିକାରୀଙ୍କ ଗୋଟିଏ ମାସର ମାଗଣା ଚାଉଳ ଘୋଟାଲା ହୋଇଥବା ଦେଖିବାକୁ ମିଳିଛି । ଚାଉଳ ବାଣ୍ଟିବାର ଦାୟିତ୍ୱରେ ଥିବା ଅଧିକାରୀମାନେ ମିଳିମିଶି ବାଣ୍ଟିକୁଣ୍ଟି ଖାଇଥିବା ଅଭିଯୋଗ ଆସିଛି। ଯାହାକୁ ନେଇ ହିତାଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଚାଉଳ ପ୍ରଦାନ କରିବାକୁ ଦାବି କରିଛନ୍ତି। ଯୋଗାଣ ବିଭାଗ ଏହାର ତଦନ୍ତ କରିବାକୁ ସମ୍ପୃକ୍ତ ବ୍ଲକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛି। ପ୍ରାଥମିକ ତଦନ୍ତରୁ ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ୬ଟି ପଞ୍ଚାୟତ ପିଇଓ ଏବଂ ଯୋଗାଣ ସହାୟକଙ୍କ ଦରମା ବନ୍ଦ କରାଯାଇଛି। ତଦାରଖରେ ଅବହେଳା ଯୋଗୁ ଯୋଗାଣ ନିରୀକ୍ଷକଙ୍କ ଦରମା ମଧ୍ୟ ବନ୍ଦ କରି ତୁରନ୍ତ ଗରିବ ହିତାଧିକାରୀଙ୍କ ଚାଉଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ପୂଜାରୀଗୁଡା ପଞ୍ଚାୟତ ଖୁଣ୍ଟିପଦର ଗ୍ରାମର ହିତାଧିକାରୀ ସରକାର ଦେଇଥିବା ଏପ୍ରିଲ, ମେ ଓ ଜୁନ ମାସର ଫ୍ରି ଚାଉଳ ପାଇଁ ପଞ୍ଚାୟତକୁ ଯାଇ କେବଳ ୨ମାସର ଚାଉଳ ନେଇ ଫେରିଛନ୍ତି। ଗୋଟିଏ ମାସର ଚାଉଳ ଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀ ଦେଇନଥିବା ଅଭିଯୋଗ ହୋଇଛି। ଉକ୍ତ ଚାଉଳ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ିଲେ ମଧ୍ୟ ସେମାନଙ୍କ ପାଇଁ ଚାଉଳ ଆସିଲେ ଦିଆଯିବ ବୋଲି ଅଧିକାରୀମାନେ କହୁଥିବା ହିତାଧିକାରୀ ଜଣାଇଛନ୍ତି। ଉକ୍ତ ପଞ୍ଚାୟତରେ ୧୯୭୦ ହିତାଧିକାରୀ ଜୁନ୍ ମାସର ଚାଉଳ ପାଇ ନ ଥିବା ଖୁଣ୍ଟିପଦର ଗାଁର ସୁବାସ ହରିଜନ, ଅନଶ ସାନ୍ତା କହିଛନ୍ତି। ତେନ୍ତୁଳୀଖୁଣ୍ଟି ବ୍ଲକ କମତା ପଞ୍ଚାୟତରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ନିଜର ହକ ଚାଉଳ ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଏହି କାମତା ପଞ୍ଚାୟତରେ ୧୧୫୯ ହିତାଧିକାରୀ ରହିଥିବା ବେଳେ କାହାକୁ ଜୁନ ମାସର ଚାଉଳ ଦିଆଯାଇନାହିଁ ତ, କାହାର ରାସନ କାର୍ଡରେ ୩ ମାସର ଚାଉଳ ନ ଦେଇ ମଧ୍ୟ ଏଣ୍ଟ୍ରି କରି ଚାଉଳ ହଡପ କରାଯାଇଥିବା ଅଭିଯୋଗ ଆସିଛି। ସେହିଭଳି କେତେଜଣ ହିତାଧିକାରୀଙ୍କ ଗୋଟିଏ କିଲୋ ଲେଖାଏ ଚାଉଳ କାଟି ଦିଆଯାଇଛି। ରାସନ କାର୍ଡକୁ ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ନେଇ ଆଉ ଫେରାଉନଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି କାମତା ପଞ୍ଚାୟତର ଡାଳିମ୍ବ ଗୌଡ଼, ରଶ୍ମିତା ବାଘ । ଅଞ୍ଚଳଗୁମ୍ମା, ଦିଗୀ କଂଗ୍ରା ଓ କଣ୍ଟାଗାଁ ପଞ୍ଚାୟତରେ ଅନେକ ହିତାଧିକାରୀଙ୍କୁ ଗୋଟିଏ ମାସର ଚାଉଳ ମିଳିନାହିଁ। ତୁରନ୍ତ ଚାଉଳ ଦେବାକୁ ହିତାଧିକାରୀ ରାଧାମଣି ବିଷୋୟୀ, ଅଞ୍ଚଳଗୁମ୍ମା ୱାର୍ଡସଭ୍ୟ ଦୁଲ୍ଲଭ ଯାନୀ ଦାବି କରିଛନ୍ତି।

ପିଓଏସ୍ ମେସିନ ଯୋଗୁ ଏହି ଚାଉଳ ଦୁର୍ନୀତି ପଦାକୁ ଆସିଛି। ତେନ୍ତୁଳିଖୁଣ୍ଟି ବ୍ଲକ ଯୋଗାଣ ନିରୀକ୍ଷକ ରୋହିତ ମାଝି ଓ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ହିତାଧିକାରୀଙ୍କୁ ଚାଉଳ ନ ଦେଇ ଅନ୍ୟତ୍ର ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ପିଓଏସ୍ ମେସିନ ଅନୁଯାୟୀ ଚାଉଳ ଷ୍ଟକ ଥିବାବେଳେ ଗଦାମରେ ଚାଉଳ ନ ଥିବା ଦେଖିବାକୁ ମିଳିଛି। ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ପାଇଁ ଉକ୍ତ ପଞ୍ଚାୟତରେ ଯେତିକି ପରିମାଣର ଚାଉଳ ଆସିଥିଲା ଏପ୍ରିଲ, ମେ ଓ ଜୁନ ମାସ ପାଇଁ ମଧ୍ୟ ସମାନ ପରିମାଣର ଆଲଟମେଣ୍ଟ କରିଛନ୍ତି। କିନ୍ତୁ, ପିଓଏସ୍ ମେସିନରେ ଚାଉଳ ଷ୍ଟକ ଥିବାରୁ ଆଲାଟମେଣ୍ଟ ହୋଇଥିବା ଚାଉଳର ସମାନ ପରିମାଣ ଉଠାଇ ନ ପାରି କମ ଚାଉଳ ଉଠାଇଥିଲେ। ଚାଉଳ ସଟେଜ୍ ହେବାରୁ ଏହି ଦୁର୍ନୀତି ସାମ୍ନାକୁ ଆସିଛି। ଅନ୍ୟପଟେ ଦୁର୍ନୀତିକୁ ଘଷ୍ଟ ଘୋଡାଇବାକୁ ଯାଇ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ କେଉଁଠି ୨ ମାସର ଚାଉଳ ଦେଇ ଆଉ ଗୋଟିଏ ମାସର ଚାଉଳ ଆସି ନ ଥିବା କହିଛନ୍ତି ତ ଅନ୍ୟ କେଉଁଠି ଚାଉଳ ନ ଦେଇ ମଧ୍ୟ କାର୍ଡରେ ଏଣ୍ଟ୍ରି କରିଥିବା ଦେଖିବାକୁ ମିଳିଛି। ଯାହାକୁ ଯୋଗାଣ ନିରୀକ୍ଷକ ରୋହିତ ମାଝି ସ୍ୱୀକାର ମଧ୍ୟ କରିଛନ୍ତି। ଆନୁମାନିକ ହିସାବ କଲେ ୬ ପଞ୍ଚାୟତର ୯୯୮୧ ଜଣ ହିତାଧିକାରୀଙ୍କ ୬୪ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଚାଉଳ ଘୋଟଲା ହୋଇଥିବା ଅଭିଯୋଗ ଆସିଛି। ନବରଙ୍ଗପୁର ଜିଲା ପ୍ରଶାସନ ଘଟଣାର ଏହାର ପ୍ରାଥମିକ ତଦନ୍ତ କରି ୫ ପଞ୍ଚାୟତ ପିଇଓ ଓ ଯୋଗାଣ ସହାୟକଙ୍କ ଦରମା ବନ୍ଦ କରିଛି। ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଏସଚଜିର ତଦନ୍ତ କରିବାକୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ତଦାରଖ କରି ନ ଥିବାରୁ ତେନ୍ତୁଳିଖୁଣ୍ଟି ବ୍ଲକ ଯୋଗାଣ ନିରୀକ୍ଷକ ରୋହିତ ମାଝିଙ୍କ ଦରମା ବନ୍ଦ କରାଯାଇଥିବା ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ କହିଛନ୍ତି।

## ମେସେଜ କ୍ଲିକ୍ ପରେ ଆକାଉଣ୍ଟରୁ କଟିଗଲା ୧.୫୮ ଲକ୍ଷ

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ),୨୮।୬

ସହରରେ ଏବେ ସାଇବର ଠକ କାୟା ବିସ୍ତାର କରି ଚାଲିଛନ୍ତି। ଜଣଙ୍କ ପରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ମାୟା ଜାଲରେ ଫସାଉଛନ୍ତି। ସାଇବର ଠକମାନେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ଅଞ୍ଚଳର ଏବେ ଜଣେ ଯୁବକ ମହମ୍ମଦ ଅହିତ ସାମୁଏଲ ହକଙ୍କୁ ଠକେଇର ଶିକାର କରିଛନ୍ତି। ତାଙ୍କର ବିଭିନ୍ନ ବ୍ୟାଙ୍କର କ୍ରେଡିଟ କାର୍ଡ଼ରୁ ଏହି ଠକମାନେ ଖୁବ କମ ସମୟ ମଧ୍ୟରେ ୧ଲକ୍ଷ ୫୮ ହଜାର ୮୫୧ ଟଙ୍କା ଗାୟବ କରି ଦେଇଛନ୍ତି। ସେ ଏନେଇ ସାଇବର ଥାନାରେ ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ଫେବୃଆରୀ ୨ତାରିଖରେ ମହମ୍ମଦ ସାମୁଏଲ କୌଣସି କାମରେ ଭଞ୍ଜନଗର ଯାଇଥିଲେ। ସେଠାରେ ତାଙ୍କ ଫୋନକୁ ଏକ କଲ ଆସିଥିଲା। ସେ ନିଜକୁ ଜଣେ ଏକ୍ସିସ ବ୍ୟାଙ୍କର କର୍ମଚାରୀ ବୋଲି ପରିଚୟ ଦେଇ ଅନଲାଇନ ଜରିଆରେ ବ୍ୟାଙ୍କର ସମସ୍ତ ସମସ୍ୟାର ସମାଧାନ ସେ କରିବେ ବୋଲି କହିଥିଲେ। ପରେ ତାଙ୍କ ମୋବାଇଲକୁ ଏକ ଲିଙ୍କ ଆସିଥିଲା। ସେ ଉକ୍ତ ଲିଙ୍କକୁ କ୍ଲିକ କରି ମୋବାଇଲଟିକୁ ନିଜ ପ୍ୟାଣ୍ଟ ପକେଟରେ ରଖିଥିଲେ। ପରେ ସେ ସେଠାରୁ ବ୍ରହ୍ମପୁର ଆସିଯାଇଥିଲେ। ଘରେ ପହଞ୍ଚି ସେ ନିଜର ମୋବାଇଲକୁ ଦେଖିବା ବେଳେ ତାଙ୍କ ବିଭିନ୍ନ ଆକାଉଣ୍ଟର କ୍ରେଡିଟ କାର୍ଡ ଜରିଆରେ ୬ ଥରରେ ୧ ଲକ୍ଷ ୫୮ହଜାର ୮୫୧ ଟଙ୍କା ନେଇଯାଇଥିଲେ। ଠକେଇର ଶିକାର ହୋଇଥିବା ଜଣାପଡିବା ପରେ ସେ ଏନେଇ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ୧୬/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

# ୩୩ ଅଭିଯୋଗ, ୩ ଲକ୍ଷ ୫୦ହଜାର ଜରିମାନା ଆଦାୟ



ସାମାଜିକ ସୁରକ୍ଷା ଉପରେ ଆଲୋଚନା କରାଯାଉଛି ।

ଚିତ୍ରକୋଣ୍ଡା,୨୮।୬

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ବୁଧବାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ ୨୦୨୨–୨୩ ଆର୍ଥିକ ବର୍ଷ (୧ ଅକ୍ଟୋବର ୨୨ରୁ ୩୧।୩।୨୩)ପର୍ଯ୍ୟନ୍ତ ପଞ୍ଚାୟତସ୍ତରରେ ସାମାଜିକ ସମୀକ୍ଷା କରାଯାଇ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଯାଇଛି । ଏହି ଅବସରରେ ଜିଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏପିଓ ଉତ୍ସବ ଗିରି, ଜୋନ୍– ୧ ଜିଲା ପରିଷଦ ବିନତୀ ଖିଲ, ପିଇଓ ପବିତ୍ର ମୋହନ କାଟରାକା ଏବଂ ବ୍ଲକ ସାମାଜିକ ସମୀକ୍ଷକ ବେଲାଲସେନ ଗୁଣ୍ଟାଙ୍କ ଉପସ୍ଥିତିରେ ଜନଶୁଣାଣି କରାଯାଇଥିଲା। ବ୍ଲକରେ ଥିବା ୧୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପିଇଓ, ବନପାଳ, ଜିଆର୍‌ଏସ୍, ଗ୍ରାମସାଥୀ ଓ ଯୋଗାଣ ସହାୟକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏହା କରାଯାଇଥିଲା।

କିଛିଦିନ ହେଲା ଚିତ୍ରକୋଣ୍ଡା ବ୍ଲକର ୧୮ ପଞ୍ଚାୟତ ଯଥା ଚିତ୍ରକୋଣ୍ଡା, ଦୋରାଗୁଡ଼ା, ନୂଆଗୁଡ଼ା, ଗୁଣ୍ଟାୱାର୍ଡା, ଟନେଲକ୍ୟାମ୍ପ, କପାତୁଟି, କୁରୁମାନୁର, ପାପୁଲୁର, ବଡ଼ପଦର ଏବଂ ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା, ପାପରମେଟେଲା, ରାଲେଗାଡ଼ା, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ, ଅଣ୍ଡିରାପାଲି, ଗାଜୁଲୁମାମୁଡ଼ି ଓ ଯନ୍ତ୍ରୀ ପଞ୍ଚାୟତରେ ବ୍ଲକ ସାମାଜିକ ସମୀକ୍ଷା ଏବଂ ଭିଆର୍‌ପିମାନଙ୍କ ଦ୍ୱାରା ସମସ୍ତ ପଞ୍ଚାୟତରେ ପଞ୍ଚଦଶ ଅର୍ଥ କମିଶନ ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା କାମର ସମୀକ୍ଷା ସହିତ ଗ୍ରାମସଭା କରାଯାଇ ଆଲୋଚନା ହୋଇଥିଲା । ପଞ୍ଚାୟତସ୍ତରୀୟ ସମୀକ୍ଷାରେ ବାହାରିଥିବା ତଥ୍ୟକୁ ନେଇ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ତଥା ଜନଶୁଣାଣିରେ ଉକ୍ତ ତଥ୍ୟ ଏବଂ ଅଭିଯୋଗଗୁଡ଼ିକୁ ଉପସ୍ଥାପନ କରାଯାଇଥିଲା । ସମସ୍ତ ପଞ୍ଚାୟତକୁ ଆସିଥିବା ଅଭିଯୋଗ ଉପରେ ବିଭିନ୍ନ ପଞ୍ଚାୟତର ପିଇଓ ଓ ଜିଆର୍‌ଏସ୍‌ମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ। କେତେକ ସ୍ଥାନରେ କେତେଜଣ କର୍ମଚାରୀ ସରକାରୀ ନିୟମ ଅନୁଯାୟୀ କାମ କରୁ ନ ଥିବା ଅଭିଯୋଗ ହୋଇଥିଲା। ସେମାନେ ଆଗାମୀ ଦିନରେ ଏପରି ଭୁଲ୍ କଲେ ପଦକ୍ଷେପ ନିଆଯିବ ବୋଲି ତାଗିଦ କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ୩୩ ଅଭିଯୋଗ ଉପରେ ୩ ଲକ୍ଷ ୫୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିଲା। ବହୁ ପଞ୍ଚାୟତ କାମରେ ସୂଚନା ଫଳକ ନ ଥିବାରୁ, ରୋଜଗାର ଦିବସ ପାଳନ ନ କରିବାରୁ ଏବଂ ଷ୍ଟାଟ୍ ନ ଥିବାରୁ ଜରିମାନା ସହ ଆଦାୟ ପାଇଁ ଦିଆଯାଇଥିଲା। ପ୍ରଥମ କରି ସ୍ୱାଭିମାନ ଅଞ୍ଚଳରେ ଦୁଇଟି ବଡ଼ ଗ୍ରାମ ପଡ଼ା ପୋଖରୀ ଏବଂ ୪ଟି କୂଅ ଖୋଳା ହୋଇଥିବା ଦେଖିବାକୁ ମିଳିଥିଲା।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୨୮।୬(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଜାମୋଗୋରଡା ୨୧ ନମ୍ବର ରାଜ୍ୟ ରାଜପଥରେ ମଙ୍ଗଳବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକିଲି ଗ୍ରାମର ବିକ୍ରମ ଗୌଡ଼ (୪୮)। ମଙ୍ଗଳବାର ରାତ୍ରୀରେ ବିକ୍ରମ ଓ କିଛି ସାଥି ଭୋଜି ଖାଇ ନିଜ ଗ୍ରାମକୁ ଫେରୁଥିବା ସମୟରେ ଟ୍ରକ (ନଂ ଓଆର୦୫ଏଡି୮୨୬୩) ସାମ୍ନାରୁ ଆସି ବିକ୍ରମଙ୍କ ବାଇକକୁ ଧକ୍କା ଦେଇଥିବା ଓ ଘଟଣା ସ୍ଥଳରେ ବିକ୍ରମ ମୃତ ହୋଇଥିବା ଭଉଣୀ ସୁନିତା ଥାନାରେ ଅଭିଯୋଗ କରିଛନ୍ତି।

## ୧ ଟଙ୍କାରେ ଚାରା ପ୍ରଦାନ

ଗୁଣପୁର,୨୮।୬(ପ୍ରଦୀପ କୁମାର ପାଢ଼ୀ)

ଗଛ ଲଗାଇ ସବୁଜ ବଳୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାୟଗଡ଼ା ଜିଲା ଗୁଣପୁର ବନ ବିଭାଗ ପକ୍ଷରୁ ନୂଆ ଉପାୟ ଅବଲମ୍ବନ କରାଯାଇଛି। ବାହୁଡ଼ାଯାତ୍ରା ଉପଲକ୍ଷେ ପୁରୁଣା ଗୁଣପୁର ଛକଠାରେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ୧ ଟଙ୍କାରେ ଚାରା ପ୍ରଦାନ କରାଯାଇଥିଲା। ବଉଳ, ଅଁଳା, ବେଲ, ପିସ୍ତା ବାଦାମ, କାଜୁ, କରଞ୍ଜ, ପଣସ ଏବଂ ନିମ ଭଳି ଚାରା ପ୍ରଦାନ କରାଯାଉଥିବାବେଳେ ବହୁସଂଖ୍ୟାରେ ଲୋକ ଚାରା କିଣିନେଇଥିବା ଦେଖାଯାଇଥିଲା।



ବନ କର୍ମଚାରୀ ଜଣେ ମହିଳାଙ୍କୁ ଚାରା ବଣ୍ଟନ କରୁଛନ୍ତି।

## ଜିଲାପାଳଙ୍କ ସ୍ୱାଭିମାନ ଅଞ୍ଚଳ ରାଲେଗା ପଞ୍ଚାୟତ ଗସ୍ତ

ଚିତ୍ରକୋଣ୍ଡା,୨୮।୬(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ଆର୍. ଭିନିଲ କ୍ରିଷ୍ଣାଙ୍କ ଅପହରଣର ୧୨ବର୍ଷ ପରେ ବୁଧବାର ମାଲକାନଗିରି ଜିଲାପାଳ ବିଶାଲ ସିଂ, ପୂର୍ବତନ ପିଏ ଆଇଟିଡିଏ ତ୍ରିନାଥ ମାଝି, ପିଏ ଆଇଟିଡିଏ ଅଧିକାରିଣୀ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗା ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଉନ୍ନୟନ କାମ ଦେଖିଥିଲେ। ପରିଦର୍ଶନ ସମୟରେ ସାକୃବନ୍ଧାଠାରୁ ପୀତାମାରି, ରାଲେଗା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇଥିଲେ।



ଜିଲାପାଳ ଓ ଅନ୍ୟମାନେ ପୋଲ କାମ ଦେଖୁଛନ୍ତି ।

ପ୍ରଥମେ ଜିଲାପାଳ ଚିନ୍ତନଡଲି ପୋଲ କାମ ଦେଖିବା ସହ ସାକୃବନ୍ଧାରୁ ନୂଆ ଟେକପଦର ପୋଲ କାମ, ସାକୃବନ୍ଧା ୫–ଟି ବିଦ୍ୟାଳୟ ବୁଲି ଦେଖିଥିଲେ । ଜିଲାପାଳଙ୍କ ଗସ୍ତ ସମୟରେ ସରପଞ୍ଚ କମଲୁ ହନ୍ତାଳ ଉପସ୍ଥିତ ଥିଲେ ।

## ବାଲାଜୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

ମାଲକାନଗିର,୨୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ତିରୁପତି ବାଲାଜୀ ମନ୍ଦିର ପ୍ରତିଷ୍ଠା ନିମନ୍ତେ ତଳସାହି ଶିବମନ୍ଦିର ନିକଟରେ ବୁଧବାର ବାହୁଡ଼ାଯାତ୍ରା ଅବସରରେ ଭୂମିପୂଜା କରାଯାଇଥିଲା। ଭୂମିପୂଜାରେ ତିରୁପତି ବାଲାଜୀ ମନ୍ଦିର କମିଟିର ସଦସ୍ୟ ଏସ୍. ସାଇବାବା, ଡି. ଭେଙ୍କଟରାଓ, ଗୋପୀକୃଷ୍ଣ ପଟ୍ଟନାୟକଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ମାଲକାନଗିରି ଜିଲାକୁ ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ଆସିଥିବା ବେଳେ ତିରୁପତି ବାଲାଜୀ ମନ୍ଦିର ନିର୍ମାଣ ନିମନ୍ତେ ସ୍ଥାନୀୟ ଲୋକେ ଅବଗତ କରିଥିଲେ। ସଚିବ ଏହି ମନ୍ଦିର ନିର୍ମାଣ ପାଇଁ ଅନୁଦାନ ଦେବା ପରେ ଭୂମିପୂଜା କରାଯାଇଛି।



ଭୂମିପୂଜା କରାଯାଉଛି ।

# ବ୍ୟାଙ୍କ ସମୂହ ସମନ୍ୱୟ କମିଟି ବୈଠକ

ମାଲକାନଗିରି,୨୮।୬(ଦୁର୍ଯ୍ୟୋଧନ ପାତ୍ର)



ବୈଠକରେ ଅଧିକାରୀମାନେ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

ବ୍ୟାଙ୍କ ସମୂହ ଜିଲାସ୍ତରୀୟ ସମନ୍ୱୟ କମିଟିର ସ୍ୱତନ୍ତ୍ର ବୈଠକ ବୁଧବାର ଜିଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତା ଏବଂ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ବ୍ୟାଙ୍କ କର୍ତ୍ତୃପକ୍ଷ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ସାହୁ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିବା ପାଇଁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ସ୍ୱୟଂ ସହାୟକ ଗୋଷ୍ଠୀ କିଭଳି ସୁବିଧାରେ ଋଣ ପାଇପାରିବେ ସେଥିପ୍ରତି ଧ୍ୟାନଦେବାକୁ ସମସ୍ତ ବ୍ୟାଙ୍କକୁ ସାହୁ ପରାମର୍ଶ ଦେଇଥିଲେ। ସେହିପରି ୫୦ ହଜାର କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ଆବଶ୍ୟକତା ଥିଲେ ବ୍ୟାଙ୍କ ନ ଯାଇ ପଞ୍ଚାୟତସ୍ତରୀୟ ମହାସଂଘରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଏହି ଋଣ ନେଇପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ମାର୍ଚ୍ଚ ୨୦୨୩ ସୁଦ୍ଧା ୪୬୮୬ ସ୍ୱୟଂ ସହାୟକ ଗୋଷ୍ଠୀକୁ ୯୫ କୋଟି ୭୬ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଜିଲାର କୃଷକମାନଙ୍କ ଉନ୍ନତି ନିମନ୍ତେ ଏଗ୍ରି କ୍ଲିନିକ ଏବଂ ଏଗ୍ରି ବିଜ୍‌ନେସ୍ ସେଣ୍ଟର ଓ ଏଗ୍ରିକଲ୍‌ଚର ଇନ୍‌ଫ୍ରାଷ୍ଟ୍ରକ୍ଚର ଫଣ୍ଡ ଉପରେ ଅଧିକ ଗୁରୁତ୍ୱାରୋପ କରି ଋଣ ପ୍ରଦାନ କରିବାକୁ ବ୍ୟାଙ୍କଗୁଡ଼ିକୁ ଅତିରିକ୍ତ ଜିଲାପାଳ ନାଏକ କହିଛନ୍ତି। ଜିଲାରେ ସାମାଜିକ ସୁରକ୍ଷା ଅଧୀନରେ ୪୧୨୩୩ ହିତାଧିକାରୀ ଡିବିଟି ମାଧ୍ୟମରେ ପେନ୍‌ସନ ପାଉଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୫ ଶହ ଶଯ୍ୟାଶାୟୀ ହିତାଧିକାରୀ ରହିଛନ୍ତି। ସେମାନେ ଯେଉଁଭଳି ଭାବେ ସୁବିଧାରେ ବ୍ୟାଙ୍କ ସେବା ପାଇପାରିବେ, ସେଥିପ୍ରତି ସମସ୍ତ ବ୍ୟାଙ୍କର ଯତ୍ନବାନ୍ ହେବାକୁ କୁହାଯାଇଛି।

ସେହିପରି ଭିନ୍ନକ୍ଷମ ଏବଂ ବୃଦ୍ଧ ବ୍ୟକ୍ତିଙ୍କ ନିମନ୍ତେ ବ୍ୟାଙ୍କଗୁଡିକରେ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ସହ ଏଥିପ୍ରତି ସମ୍ବେଦନଶୀଳ ହୋଇ ବିଶେଷ ଧ୍ୟାନଦେବାକୁ କୁହାଯାଇଛି। ବୈଠକରେ ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ନୃସିଂହ ପ୍ରସାଦ ପାଢ଼ୀ ଆଲୋଚନା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ସେହିପରି ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କର ଡିଡିଏମ୍ ମୋହିତ ଅଗ୍ରୱାଲ ସମସ୍ତ ବ୍ୟାଙ୍କରଙ୍କୁ ବିଭିନ୍ନ କ୍ଷେତ୍ରରେ ଦିଆଯାଇଥିବା ଲକ୍ଷ୍ୟ ହାସଲ ବିଷୟରେ ସମୀକ୍ଷା କରିଥିଲେ।

ସୂଚନାଯୋଗ୍ୟ, ବଳରାମ ଯୋଜନାରେ ଜିଲାର କୃଷକମାନଙ୍କୁ କୃଷିଋଣ ପ୍ରଦାନ କରିବାରେ ଆକ୍ସିସ ବ୍ୟାଙ୍କ ଅଗ୍ରଣୀ ରହିଛି। ବ୍ୟାଙ୍କ ନ ଥିବା ପଞ୍ଚାୟତରେ ବ୍ୟାଙ୍କ ସେବା ଆରମ୍ଭ କରାଯିବା ପାଇଁ ଜିଲା ପ୍ରଶାସନ ତରଫରୁ ଗୁରୁତ୍ୱାରୋପ କରାଯାଇଛି। ଫଳସ୍ୱରୂପ କାଦଲମେଟଲାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ମହୁପଦରଠାରେ ବ୍ୟାଙ୍କ ଅଫ୍ ବରୋଦାର ଏକ ବ୍ରିକ୍ ଓ ମୋଟାର ବ୍ରାଞ୍ଚ ଖୋଲା ଯାଇଛି। ପଡ଼ିଆରେ ମଧ୍ୟ ଷ୍ଟେଟ୍ ବ୍ୟାଙ୍କ ଖୋଲାଯିବ ବୋଲି ସୂଚନା ମିଳିଛି।

